


ରାୟଗଡା ବାଇପାସ୍ ରାସ୍ତାସ୍ଥିତ ବାରିଝୋଲା ପଡ଼ିଆରେ ବୁଧବାର ଭାଜପାର ଜନସମାବେଶରେ ନିୟମଗିରିର ଆଦିମ ଜନଜାତିଙ୍କ ସହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ । (ଫଟୋ: ଆଶିଷ ରଞ୍ଜନ ପଣ୍ଡା)

# ୨ ବାଲ୍ୟ ବିବାହ ରୋକିଲା ପ୍ରଶାସନ

ପାପଡାହାଣ୍ଡି ୮ ।୫,
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପ୍ରଶାସନ ବୁଧବାର ୨ଟି ବାଲ୍ୟ ବିବାହକୁ ରୋକିଛନ୍ତି। ପାପଡାହାଣ୍ଡି ବ୍ଲକ ତୁମ୍ବର୍ଲା ପଞ୍ଚାୟତ ଅଧିନସ୍ତ ଝିଟୁକୁଗୁଡାଠାରେ ୨ଟି ବାଲ୍ୟବିବାହ ହେଉଥିବା ପାପଡାହାଣ୍ଡି ସିଡିପିଓ ଏସ. ଗୀତା ବିଶେଷ ସୂତ୍ରରୁ ଖବର ପାଇଥିଲେ। ସିଡିପିଓଙ୍କ ନେତୃତ୍ୱରେ ଶୋଭା ଏନଜିଓର ସଦସ୍ୟ ଏବଂ ଜିଲା ଚାଇଲଡ ହେଲ୍ପ ଲାଇନର ସଦସ୍ୟ ପୋଲିସର ସହାୟତାରେ ଝିଟୁକୁଗୁଡା ଗ୍ରାମରେ ପହଞ୍ଚି ୨ ବାଲ୍ୟବିବାହକୁ ବନ୍ଦ କରିଥିଲେ। ସୂଚନା ପ୍ରକାରେ, ଝିଟୁକୁଗୁଡା ଗ୍ରାମର ଜଣେ ନାବାଳିକାଙ୍କ ସହ ଝରିଗାଁ ବ୍ଲକ ପୁପୁଗାଁ ପଞ୍ଚାୟତ ଅନ୍ତର୍ଗତ ପୂର୍ଣ୍ଣିଗୁଡା ଗ୍ରାମର ଜଣେ ଯୁବକଙ୍କ ସହ ବିବାହ



ଝିଟକୁଗୁଡାରେ ବାଲ୍ୟ ବିବାହ ବନ୍ଦ କରିବାକୁ ଯାଇଥିବା ପ୍ରଶାସନିକ ଅଧିକାରୀ।

ହେଉଥିଲା । ସେହିପରି ସେହି ଗ୍ରାମର ଆଉ ଜଣେ ନାବାଳିକାଙ୍କ ସହ ଉକ୍ତ ପଞ୍ଚାୟତ ଗୋବର୍ଲା ଗ୍ରାମର ଜଣେ ଯୁବକଙ୍କ ସହ ବିବାହ ହେବାକୁ ଥିବା ବେଳେ ଠିକ୍ ସମୟରେ ପ୍ରଶାସନ ପହଞ୍ଚି ବାଲ୍ୟବିବାହକୁ ବନ୍ଦ କରିଥିଲେ।

## ବିଦେଶରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଖଲ୍ଲିକୋଟ,୮।୫(ପ୍ରଶାନ୍ତ କୁମାର ମିଶ୍ର)

ବେହେରିନର ନାସା କମ୍ପାନୀରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ତେନ୍ତୁଳିଆପଲ୍ଲୀ ପଞ୍ଚାୟତ ବାଗଲପୁର ଗ୍ରାମର କାର୍ତ୍ତିକ ପ୍ରଧାନଙ୍କ ପୁଅ ସାଗରଙ୍କ ମୃତ୍ୟୁ ଘଟିଛି। କାର୍ତ୍ତିକ ପ୍ରଧାନ ଓ ତାଙ୍କ ପୁଅ ସାଗର ଦୀର୍ଘ ୧୦ ମାସ ହେଲା ରୋଜଗାର ଆଶାରେ ଭିଟାମାଟି ଛାଡି ଦେଶ ବାହାରକୁ ଯାଇଥିଲେ। ବାପା କାର୍ତ୍ତିକ ମାଳଦ୍ୱୀପ ଥିବା ବେଳେ ପୁଅ ସାଗର ବେହେରିନର ନାସା କମ୍ପାନୀରେ ମିସ୍ତ୍ରୀ ଭାବେ କାମ କରି ଆସୁଥିଲେ। ଗତ ଶନିବାର ପୁଅ ସାଗର ଘରକୁ ଫୋନ କରି କଥା ହୋଇଥିବା ବେଳେ ରବିବାର ସାଗରଙ୍କ ମୃତ୍ୟୁ ଘଟିଥିବା ସେଠାରେ ଥିବା ଲୋକମାନେ ପରିବାରକୁ ଜଣାଇଥିଲେ। ପୁଅର ମୃତ୍ୟୁ ଶୁଣି ପରିବାର ଲୋକେ ଅସହାୟ ହୋଇଯାଇଥିବା ବେଳେ ମୃତଦେହକୁ ଘରକୁ ଆଣିବା ସହ କ୍ଷତିପୂରଣ ଓ ସଠିକ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ପ୍ରଶାସନ ସାଗରଙ୍କ ମୃତଦେହକୁ ଶୀଘ୍ର ଗ୍ରାମକୁ ଫେରାଇ ଆଣିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପୋଖରୀରୁ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ

ଖଲ୍ଲିକୋଟ,୮।୫(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତର ପଣ୍ଡିତ ଗାଁ ଚଟିବନ୍ଧରୁ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ କରିଛି ଅଗ୍ନିଶମ ବାହିନୀ। ବୁଧବାର ସନ୍ଧ୍ୟା ୫ଟାରେ ପଣ୍ଡିତ ଗାଁ ପୋଖରୀରେ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ କିଛି ଯୁବକ ଖଲ୍ଲିକୋଟ ଥାନା ପୋଲିସ ଓ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ବୃଦ୍ଧଙ୍କ ମୃତଦେହକୁ ବାହାର କରି ତଦନ୍ତ ଚଳାଇଥିବା ବେଳେ ମୃତ ବୃଦ୍ଧଙ୍କ ବର୍ତ୍ତମାନ ସୁଦ୍ଧା ପରିଚୟ ମିଳିପାରି ନାହିଁ। ତେବେ ପୋଖରୀ କୂଳରେ ଥିବା ପଥର ଉପରେ ଗୋଟିଏ ଆଶା ବାଡ଼ି ଓ ବ୍ୟାଗ ଥିବା ଦେଖିବାକୁ ମିଳିଛି।

## ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଗସ୍ତ



ନବରଙ୍ଗପର,୮।୫(ସଦାଶିବ ପ୍ରହରାଜ)

ସୂଚନା ଓ ଲୋକ ସମ୍ପର୍କ ବିଭାଗ (ଦକ୍ଷିଣାଞ୍ଚଳ) ବ୍ରହ୍ମପୁର ଉପ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର ଦିନିଆ ନବରଙ୍ଗପୁର ଗସ୍ତରେ ଆସି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପ ନିର୍ଦ୍ଦେଶକ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହିତ ଉପ ନିର୍ଦ୍ଦେଶକ ମହାପାତ୍ର ବାର୍ତ୍ତାଳାପ କରି କାର୍ଯ୍ୟାଳୟର ସୁବିଧା, ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲା କାର୍ଯ୍ୟାଳୟର ସମସ୍ତ ରେକର୍ଡ, ଫାଇଲ, କ୍ୟାଶ୍‌ବୁକ୍, ଲାଇବ୍ରେରିର ସମସ୍ତ ରେକର୍ଡପତ୍ର ଅନୁଧ୍ୟାନ ପୂର୍ବକ ତନଖି କରି ସନ୍ତୋଷ ପ୍ରକାଶ କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନିଆଲ କାର୍ଯ୍ୟାଳୟର କିଛି ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଉପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପ ନିର୍ଦ୍ଦେଶକ ଜିଲା କାର୍ଯ୍ୟାଳୟର ସମସ୍ତ ସେକ୍ସନ, ଲାଇବ୍ରେରି ବୁଲି ଦେଖିଥିଲେ। କାର୍ଯ୍ୟାଳୟରେ ଥିବା କିଛି ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଗ୍ରନ୍ଥାଗାରିକ ଦିଲୀପ କୁମାର ମଲ୍ଲିକ, ବରିଷ୍ଠ ରାଜସ୍ୱ ସହାୟକ ସୁଶ୍ରୀ ରେଖା ପଟ୍ଟନାୟକ, ଲକ୍ଷ୍ମୀ ରାଣୀ ବେହେରା, ଷ୍ଟୋର କିପର ବନମାଳୀ ଗୋଚ୍ଛି, କାର୍ଯ୍ୟାଳୟର ନୀଳକଣ୍ଠ ନାୟକ, ବିଘ୍ନରାଜ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଘର ଘର ବୁଲି ମହିଳା କର୍ମୀଙ୍କ ପ୍ରଚାର

ମୁନିଗୁଡ଼ା,୮।୫(ନନ୍ଦକିଶୋର ପଟ୍ଟନାୟକ)

ଚଳିତ ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଭିନ୍ନ ଭିନ୍ନ ଶୈଳୀରେ ପ୍ରଚାର ଚାଲିଛି। ରାୟଗଡ଼ା ଜିଲା ମୁନିଗୁଡାରେ ବିଜେଡି ମହିଳା କର୍ମୀମାନେ ଘର ଘର ବୁଲି ଦଳୀୟ ପ୍ରଚାରପତ୍ର ବାଣ୍ଟିବା ସହ ବିଧାୟକ ଓ ଲୋକ ସଭା ପ୍ରାର୍ଥୀ ନିମନ୍ତେ ପ୍ରଚାର କରୁଥିବା ଦେଖାଯାଉଛି । ବିଷମକଟକ ବିଧାନସଭା ପ୍ରାର୍ଥୀ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଓ କୋରାପୁଟ ଲୋକ ସଭା ପ୍ରାର୍ଥିନୀ କୌଶଲ୍ୟା ହିକ୍‌କାଙ୍କ ପାଇଁ ବିଜେଡି ମହିଳା କର୍ମୀମାନେ ଘର ଘର ବୁଲି ପ୍ରଚାର କରୁଛନ୍ତି। ସ୍ଥାନୀୟ ନାରୀନେତ୍ରୀ ତଥା ପୂର୍ବତନ ମୁନିଗୁଡ଼ା ପଞ୍ଚାୟତ ସମିତିସଭ୍ୟା ଲବଣୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ମୁନିଗୁଡ଼ା ପଞ୍ଚାୟତ ନାଏବ ସରପଞ୍ଚ ଚନ୍ଦ୍ରକଳା ଦୁବେ, ନାରୀନେତ୍ରୀ ପ୍ରୀତିମୟୀ ଦଣ୍ଡସେନା, ହେମଲତା ନାୟକ, ପୁଷ୍ପଲତା ତ୍ରିପାଠୀ, ହେମ ମାଝୀ ପ୍ରମୁଖ ଦଳୀୟ ପ୍ରଚାରରେ ନେତୃତ୍ୱ ନେଇ ମୁନିଗୁଡାର ଗୋବର୍ଦ୍ଧନ ରୋଡ, ଗୌଡ଼ସାହି, ଗଣେଶ ନଗର, ଇନ୍ଦିରାପଡ଼ା, ଗୁପ୍ତା କଲୋନୀ, ବଗିଚା ସାହି, ଖମଣ ସାହି, ଖଣ୍ଡିଆ ସାହି, ଦୁବେ କଲୋନୀ, ଶୁଣ୍ଢିସାହି, ସିନେମା ହଲ୍ ରୋଡ୍, ଜଗ କଲୋନୀ ଆଦି ସହ ବିଭିନ୍ନ ବସ୍ତିରେ ପ୍ରଚାର କରୁଛନ୍ତି।

## ରାଜନାଥଙ୍କ ପ୍ରଚାର ସମାବେଶରେ ଯୋଗଦେଲେନି ଗୁଣପୁର ବିଧାୟକ ପ୍ରାର୍ଥୀ

ରାୟଗଡା,୮।୫(ଆଶିଷ ରଞ୍ଜନ ପଣ୍ଡା)

ଦେଶର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବୁଧବାର ରାୟଗଡ଼ା ଗସ୍ତରେ ଆସି ଭାଜପାର ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ସମାବେଶରେ କୋରାପୁଟ ଲୋକ ସଭା ଏମ୍‌ପି ପ୍ରାର୍ଥୀ କାଳିରାମ ମାଝି ଓ ୨ ବିଧାୟକ ପ୍ରାର୍ଥୀ ଯୋଗଦେଇଥିଲେ। ହେଲେ ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ ଯୋଗଦେଇ ନ ଥିବା ଦେଖିବାକୁ ମିଳିଛି। ମତଦାନ ପାଇଁ ଆଉ ମାତ୍ର ୫ ଦିନ ରହିଥିବା ବେଳେ ଦଳର ଏଭଳି ଜଣେ ଟାଣୁଆ ନେତାଙ୍କ ପ୍ରଚାର କାର୍ଯ୍ୟକ୍ରମରେ ଯୋଗ ନ ଦେବାକୁ ରାଜନୈତିକ ସମୀକ୍ଷକମାନେ ନିନ୍ଦା କରିଛନ୍ତି । ଏନେଇ ତ୍ରିନାଥ ଗମାଙ୍ଗଙ୍କୁ ଯୋଗାଯୋଗ କରିଥିଲେ ହେଁ ସମ୍ଭବପର ହୋଇପାରିନାହିଁ। ଏହି ବିଷୟରେ ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକଙ୍କୁ ପଚାରିବାରୁ ନିର୍ବାଚନ ପାଇଁ ମତଦାନକୁ ବେଶି ଦିନ ବାକି ନାହିଁ। ତେଣୁ ତ୍ରିନାଥ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ଥିବା କାରଣରୁ ଯୋଗଦେଇପାରିନାହାନ୍ତି ବୋଲି କହିଛନ୍ତି। କେନ୍ଦ୍ର ମନ୍ତ୍ରୀ ତଥା ଭାଜପାର ଟାଣୁଆ ନେତାଙ୍କ କାର୍ଯ୍ୟକ୍ରମରେ ତ୍ରିନାଥ ଯୋଗ ନ ଦେବା ଚର୍ଚ୍ଚାର ବିଷୟ ପାଲଟିଛି।

## ଆଇଆର୍‌ପିଏମ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ସଦାସିନୀ ଶ୍ରାବଣୀ କୁମାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗୁଣପୁର,୮।୫(ପ୍ରଦୀପ କୁମାର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଆଇଆର୍‌ପିଏମ ବିଭାଗରେ ଟପ୍ପର ହୋଇଥିବା ସଦାସିନୀ ଶ୍ରାବଣୀ କୁମାରୀ ୧୨୦୫ ମାର୍କ ରଖି ବିଶ୍ୱବିଦ୍ୟାଳୟ ସ୍ତରରେ ଟପ୍ପର ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବୁଧବାର ଆଇଆର୍‌ପିଏମ୍ ବିଭାଗର ପୁରୁଣା ଛାତ୍ର ସଂଘ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗୁଣପୁର ଶାଖା ତରଫରୁ ତାଙ୍କ ଘରକୁ ଯାଇ ସମ୍ବର୍ଦ୍ଧିତ କରାଯାଇଛି । ଗୁଣପୁର ମହିଳା ମହାବିଦ୍ୟାଳୟରେ ପଢୁଥିବା ଏହି ଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତାକୁ ବିଭାଗର ଛାତ୍ରୀଛାତ୍ର ଗୌରବ ମନେ କରିଛନ୍ତି । ସେଭଳି ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ସମୟରେ ଶିକ୍ଷା ସଫଳତାରେ ସମ୍ବର୍ଦ୍ଧିତ କରୁଥିବା ଏବିଭିପି ଛାତ୍ରୀଙ୍କୁ ଉପଢୌକନ ଓ ଭଗବତ ଗୀତା ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛି। ସମ୍ବର୍ଦ୍ଧନା ବେଳେ ଆଇଆରପିଏମ ବିଭାଗ ପୁରୁଣା ଛାତ୍ର ଆବାହକ ଏସ. ଶିବାଜୀ, ଇନ୍ଦ୍ରାକ୍ଷୀ ଦାଶ, ଉମା ଦାଶ, ଏବିଭିପିର ଜିଲା ସଂଯୋଜକ ବି. ସତୀଶ କୁମାର, ବି. ରବି କୁମାର, ଶି ରାମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଝାଡ଼କୁସୁମିରେ ବିଜେଡିର ମିଶ୍ରଣ ପର୍ବ

ପାପଡାହାଣ୍ଡି ୮।୫,
(ସ୍ୱପ୍ନଜିତ ପଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନାକଟିଗୁଡା ପଞ୍ଚାୟତ ଅନ୍ତର୍ଗତ ଝାଡ଼କୁସୁମି ଗ୍ରାମରେ ବୁଧବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ମିଶ୍ରଣ ପର୍ବରେ ପ୍ରାୟ ୨୦୦ ଜଣ କଂଗ୍ରେସ ଏବଂ ବିଜେପି କର୍ମୀ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଡାବୁଗାଁ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପାର୍ଥୀ ମନୋହର ରନ୍ଧାରୀ ଯୋଗଦେଇ ଉପସ୍ଥିତ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ବିଧିବଦ୍ଧ ଭାବେ ଦଳକୁ ସ୍ୱାଗତ କରିଥିଲେ। ଏହି ସମୟରେ ବିଧାୟକଙ୍କ ସହ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଏବଂ ବ୍ଲକ ବିଜେଡି ତୁଙ୍ଗ ନେତାମାନେ ଉପସ୍ଥିତ ଥିଲେ।



ନୂଆ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଉଛି।

# ବୁଥ୍ ପରିଚାଳନା ନେଇ ବୈଠକ

ଡାବୁଗାଁ, ୮।୫(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନରେ ବୁଥ୍ ପରିଚାଳନା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ମତଦାନ ଥିବାରୁ ବ୍ଲକର ପ୍ରତ୍ୟେକ ବୁଥ୍ ପରିଚାଳନା ଉପରେ ବୁଥ୍‌ସ୍ତରୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଆଲୋଚନା କରାଯାଇଥିଲା। ପ୍ରତି ବୁଥ୍‌ରେ ବିଦ୍ୟୁତ୍ ବ୍ୟବସ୍ଥା, ଧାଡ଼ି ବାନ୍ଧିବା, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଗର୍ଭବତୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ହୁଇଲ ଚେୟାର ବ୍ୟବସ୍ଥା କରାଯିବା, ପ୍ରତି ବୁଥ୍‌ରେ ଥଣ୍ଡା ପାନୀୟଜଳ ବ୍ୟବସ୍ଥା କରାଯିବା ସହ ମତଦାନ ଦିନ ସେଚ୍ଛାସେବୀଙ୍କ କାର୍ଯ୍ୟ ଉପରେ ବୁଝାଇଥିଲେ। ବୈଠକରେ ବିଡିଓ ଶରତ ମାଝି ବୁଥ୍ ପରିଚାଳନା ବିଷୟରେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଓ ସେଚ୍ଛାସେବୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ ସହଯୋଗ କରିଥିଲେ। ବୈଠକରେ ୫୫ ଜଣ ବୁଥ୍‌ସ୍ତରୀୟ ଅଧିକାରୀ, ସମସ୍ତ ବିଏଲ୍‌ଓ ସୁପରଭାଇଜର ଓ ୧୧୦ ଜଣ ସେଚ୍ଛାସେବୀ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀଙ୍କ ସହ ବିଡିଓ ଆଲୋଚନା କରୁଛନ୍ତି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶ

## ଲକ୍ଷ୍ମୀକାନ୍ତ, ବଦ୍ରିନାଥଙ୍କ ସଫଳତା

ବିଷମ କଟକ,୮।୫
(ବିଭୁତି ଭୂଷଣ ନାୟକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧିନରେ ଅନୁଷ୍ଠିତ ହୋଇଥିବା ଯୁକ୍ତ ୩ ସ୍ନାତକ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ରାୟଗଡ଼ା ଜିଲା ବିଷମ କଟକ ମା' ମାର୍କମା ଯୁକ୍ତ ୩ମହାବିଦ୍ୟାଳୟର ଛାତ୍ରଙ୍କୁ ସଫଳତା ମିଳିଛି। ଯୁକ୍ତ ୩ ଶେଷ ବର୍ଷ ରସାୟନ ବିଜ୍ଞାନରେ ଲକ୍ଷ୍ମୀକାନ୍ତ ରଥ ବିଶ୍ୱ ବିଦ୍ୟାଳୟସ୍ତରରେ ଅଷ୍ଟମ ସ୍ଥାନରେ ରହିଥିବା ବେଳେ ସୂଚନା ପ୍ରଯୁକ୍ତି ବିଦ୍ୟାରେ ବଦ୍ରିନାଥ ଗନ୍ତାୟତ ୧୦ମ ସ୍ଥାନ ରେ ରହିଛନ୍ତି । ଏହି ସଫଳତା ପାଇଁ ଅନୁଷ୍ଠାନର ଅଧକ୍ଷ ଅଶ୍ୱିନି କୁମାର ପଣ୍ଡା ଏବଂ ସମସ୍ତ ଅଧାପିକା ଅଧାପକ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଛାତ୍ରଙ୍କ ଏହି ସଫଳତା ପାଇଁ ଅନୁଷ୍ଠାନର ପରିଚାଳନା କମିଟି, ଅଧକ୍ଷ ସୁଦର୍ଶନ ରଥଙ୍କ ସମେତ ସମସ୍ତ ପରିଚାଳନା କମିଟି ସଦସ୍ୟ ଉଭୟ ଛାତ୍ରଙ୍କୁ ଶୁଭକାମନା ଜଣାଇଛନ୍ତି।

# ରୋଡ୍ ଶୋ' କରି ବିଜେଡିର ଶକ୍ତି ପ୍ରଦର୍ଶନ



ପଦ୍ମପୁର, ୮।୫(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ଗୁଣପୁର ନିର୍ବାଚନମଣ୍ଡଳୀର ପଦ୍ମପୁର ବ୍ଲକ ଅଧୀନ ଆଖୁସିଂ ପଞ୍ଚାୟତରେ ବୁଧବାର ବିଜେଡି ବାଇକ୍ ଶୋଭାଯାତ୍ରା ଏବଂ ରୋଡ୍ ଶୋ' କରି ନିଜର ଶକ୍ତି ପ୍ରଦର୍ଶନ କରିଛି। ଜିଲା ବିଜେଡି ଉପସଭାପତି ରଞ୍ଜିତ କୁମାର ପାଣିଗ୍ରାହୀ, ନେତା ମାଝି ଜଗଦୀଶ୍ୱର ରାଓଙ୍କ ଉପସ୍ଥିତିରେ ବିରାଟ ଅଟୋ ଓ ବାଇକ୍ ଶୋଭାଯାତ୍ରା ହୋଇଥିଲା। ଏହି ଅବସରରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ଦାସ ଯୋଗଦେଇ ଜନସାଧାରଣଙ୍କ ସହ ନେତା ଓ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ବିଜେଡି ନେତା ଓ କର୍ମୀ ଆଖୁସିଂ, ବହୁପଦର, ସୈରାଆମ୍ବକୁଲା, କନ୍ଧ ଆମ୍ବକୁଲା, ମାଦ୍ଧିଗୁଡା, ସନ୍ଧିଖଳା, ସିଙ୍ଗିପୁର, ନାରାୟଣପୁର, ମରିଚଗୁଡା, ବାଲାଜୀଗୁଡା, ଖିଲାମଣ୍ଡା ପ୍ରଭୃତି ଅଞ୍ଚଳ ବୁଲି ପ୍ରଚାର କରିଥିଲେ। କୋରାପୁଟ ଲୋକ ସଭା ପ୍ରାର୍ଥିନୀ କୌଶଲ୍ୟା ହିକ୍‌କା ଓ ଗୁଣପୁର ବିଧାନସଭା ଆସନ ପାଇଁ ରଘୁନାଥ ଗମାଙ୍ଗଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ସୁଧୀର ଅନୁରୋଧ କରିଥିଲେ। ଏହି ସମୟରେ ଗୋଦାବରୀ ରାଉତ, ରମାକାନ୍ତ ମାଝୀ, କୈଳାସ କ୍ରାସ୍କା, ବ୍ରଜସୁନ୍ଦର ପାଣିଗ୍ରାହୀ, ଚିନା ବାବୁଙ୍କ ସହ ଅନେକ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରେଡ୍‌କ୍ରସ ମାନବ ସେବା ପାଇଁ ଉତ୍ସର୍ଗୀକୃତ

ଜୟପୁର,୮ା୫(ପବନ ପାଣିଗ୍ରାହୀ)

କୋରାପୁଟ ସଦର ମହକୁମାରେ ଜିଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଜରୁରିକାଳୀନ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଜରୁରିକାଳୀନ ଅଧିକାରୀ ତଥା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି କୋରାପୁଟ ଜିଲା ଶାଖା ସମ୍ପାଦକ ସନ୍ତୋଷ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡ୍‌କ୍ରସ୍‌ର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରେଡ୍‌କ୍ରସ୍ ମାନବ ସେବା ପାଇଁ ଉତ୍ସର୍ଗୀକୃତ। ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନେ ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ଘଟଣା ଏବଂ ଅନ୍ୟ ଜରୁରୀ ଆବଶ୍ୟକତା ସମୟରେ ସ୍ୱେଚ୍ଛାକୃତ ଭାବେ ମାନବ ସେବାରେ ନିୟୋଜିତ ହୋଇଥାନ୍ତି ବୋଲି ମୁଖ୍ୟ ଅତିଥି ସାହୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା କନିଷ୍ଠ ରେଡ୍‌କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା, ରେଡ୍‌କ୍ରସ୍ ସୋସାଇଟିର ଆଜୀବନ ସଦସ୍ୟ ଶେଖ ଇବ୍ରାହିମ, ଡ. ଉମାଶଙ୍କର ପ୍ରସାଦ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡ୍‌କ୍ରସ୍ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ସେବା ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କନିଷ୍ଠ ରେଡ୍‌କ୍ରସ୍ ସମ୍ପାଦକ ଭୀମ ବେହେରା, ବ୍ଲକ ସଂଯୋଜକ ଜ୍ୟୋତିରଞ୍ଜନ ନନ୍ଦ, ହରେକୃଷ୍ଣ ମହାରଣା, ଚିନ୍ତାମଣି ପୃଷ୍ଟି, ଡା. ପ୍ରଶାନ୍ତ ପ୍ରଧାନ, ସୀମାଞ୍ଚଳ କୁଣ୍ଡୁଙ୍କ ସମେତ ଏନ୍‌ସିସି କ୍ୟାଡେଟମାନେ ଉପସ୍ଥିତ ଥିଲେ। ସୋସାଇଟିର କୋରାପୁଟ ଜିଲା ଶାଖା ସଂଯୋଜକ ପ୍ରକାଶ ସାମଲ ଧନ୍ୟବାଦ ଦେଇଥିଲେ।

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ କନିଷ୍ଠ ରେଡ୍‌କ୍ରସ୍ ଶାଖା ପକ୍ଷରୁ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ କନିଷ୍ଠ ରେଡ୍‌କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା, ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ ଉପସ୍ଥିତ ରହି କନିଷ୍ଠ ରେଡ୍‌କ୍ରସ୍‌ର ଉତ୍ପତ୍ତି, ରେଡ୍‌କ୍ରସ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ହିତକର ଚରତି, ଶମ୍ଭୁରୁ ଜାନି, ଡୁମୁରି ଜାନି, କ୍ଷୀରସିନ୍ଧୁ ସାହୁ, ମହାବୀର ପ୍ରଧାନଙ୍କ ସହ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

ହାଟଡ଼ିହୀ,୮ା୫ (ପାର୍ଥ ସୌରଭ ସା)

ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ବୁଧବାର ଡେଙ୍କା ଗ୍ରାମରେ ଚଢ଼ାଉ କରାଯାଇ ୧ କିଲୋ ୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ହାଟଡ଼ିହୀ ଅବକାରୀ ଥାନା ଏସ୍‌ଆଇ ସ୍ମିତା ବେହେରା, ଏଏସ୍‌ଆଇ ସୁଶାନ୍ତ ରାଉତ, ଘଟଗାଁ ଅବକାରୀ ଥାନା ଅଧିକାରୀ ସ୍ୱାଭିମାନ ବଡ଼ଜେନା, ଏଏସ୍‌ଆଇ ଲକ୍ଷ୍ମଣ ନାୟକ ପ୍ରମୁଖ ଡେଙ୍କା ଗ୍ରାମର ତୁସାରକାନ୍ତ ନାୟକଙ୍କ ଘରେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହିତ ତୁସାରକାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

# କୁନ୍ଦୁରାରେ ଭାଜପାର ବିଜୟ ସଂକଳ୍ପ ସମାବେଶ

## ଶ୍ରମିକ,କୃଷକ ଏବଂ ମହିଳାଙ୍କୁ ଅଣଦେଖା ଅଭିଯୋଗ

କୁନ୍ଦୁରା,୮ା୫(ସନ୍ତୋଷ ପ୍ରହରାଜ)



ସଂକଳ୍ପ ସମାବେଶରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

କୋରାପୁଟ ଜିଲା କୋଟପାଡ଼ ବିଧାନସଭା ନିର୍ବାଚନମଣ୍ଡଳୀର କୁନ୍ଦୁରା ବ୍ଲକର ଶାସ୍ତ୍ରୀ ମଇଦାନଠାରେ ବୁଧବାର ଭାଜପା ବିଜୟ ସଂକଳ୍ପ ସମାବେଶ କରିଛି। ଏଥିରେ ମୁଖ୍ୟ ଅତିଥି ଭାବେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଯୋଗଦେଇ ବିଜେଡି ଉପରେ ବର୍ଷିଛନ୍ତି। ସେ କହିଛନ୍ତି, କୋଟପାଡ଼ ନିର୍ବାଚନ ମଣ୍ଡଳୀର ବୈପାରିଗୁଡ଼ା ଏବଂ କୁନ୍ଦୁରା ବ୍ଲକର ଶ୍ରମିକଙ୍କୁ କାମ ମିଳୁନାହିଁ। ଫଳରେ ସେମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଏଠାରେ କୃଷକମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗକରି ଓଡ଼ିଶାର ୨୫ବର୍ଷର ସ୍ଥିର ସରକାର ସମସ୍ତ ଚାଷୀଙ୍କ ଜମିକୁ ପାଣି ପହଞ୍ଚାଇବାରେ ବିଫଳ ହୋଇଛି ବୋଲି କହିଥିଲେ। ଏଥର ଡବଲ ଇଞ୍ଜିନ ସରକାର ଆଣିଲେ ଓଡ଼ିଶା ଅଗ୍ରଗତି କରିବ। ଭାଜପାକୁ ଭୋଟ ଦେଇ ଆଶୀର୍ବାଦ କରିବାକୁ ସାଏ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅନ୍ୟତମ ଅତିଥି ରୂପେ ନବରଙ୍ଗପୁର ଭାଜପା ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝି, କୋଟପାଡ଼ ବିଧାୟକ ପ୍ରାର୍ଥୀ ରୁପୁ ଭତ୍ରା, ଜିଲା ସଭାପତି ସୁମନ୍ତ ପ୍ରଧାନ, ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ ଏମ୍‌ପି, ପୂର୍ବତନ ଏମ୍‌ଏଲ୍‌ଏମାନେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଶତାଧିକ ପୋଲିସ ମୁତୟନ କରାଯାଇଥିଲା। ଦମକଳବାହିନୀ ମଧ୍ୟ ମୁତୟନ ହୋଇଥିଲା। ଜିଲା ସଭାପତି ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ସେ ଉପଢୌକନ ଦେଇ ଉପସ୍ଥିତ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଅନ୍ୟ ଦଳରୁ ଆସି ଭାଜପାରେ ଯୋଗଦେଇଥିବା କେତେଜଣ ନେତା ଓ କର୍ମୀଙ୍କୁ ଉତ୍ତରୀୟ ଦେଇ ଦଳରେ ସାମିଲ କରାଯାଇଥିଲା।

## କଂଗ୍ରେସରେ ସାମିଲ ହେଲେ ନେତା, କର୍ମୀ

ଜୟପୁର,୮ା୫(ପବନ ପାଣିଗ୍ରାହୀ)

ଭାରତୀୟ ଜାତୀୟ କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପରେ ଆସ୍ଥା ରଖି ଅନ୍ୟ ଦଳ ଛାଡ଼ି କେତେଜଣ ନେତା ଓ କର୍ମୀ କଂଗ୍ରେସରେ ଯୋଗଦେଇଛନ୍ତି। ଏହି ନେତା ଓ କର୍ମୀମାନେ ହେଲେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ପୋଡ଼ାପଦର ଅଞ୍ଚଳର। ଏହି ଅବସରରେ ବାହିନୀପତିଙ୍କ ଲକ୍ଷ୍ମୀନଗରସ୍ଥିତ ବାସଭବନରେ ଏକ ମିଶ୍ରଣପର୍ବ ଆୟୋଜିତ ହୋଇଥିଲା। ବିଧାୟକ ବାହିନୀପତି ଦଳୀୟ ଉତ୍ତରୀୟ ଦେଇ ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଥିଲେ।

## ଅବକାରୀ ଚଢ଼ାଉ, ୩ ଗିରଫ

ଜୟପୁର,୮ା୫(ପବନ ପାଣିଗ୍ରାହୀ)

ଚୋରା ଦେଶୀ ମଦ ଚାଲାଣ ଉପରେ ରୋକେ ଲଗାଇବାକୁ ବୁଧବାର ଜୟପୁର ବୁଧବାର ଅବକାରୀ କର୍ମଚାରୀମାନେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ନିଳାଗୁଡ଼ାର ରୁକଧର ଭଇଁସା, ଝିଲିମିଲିଗୁଡ଼ାର ମୁଦୁନ୍ଦ ଗାଦବା ଓ ଦୁବୁଲି ଗ୍ରାମର ତ୍ରିନାଥ ପରଜା। ନିଳାଗୁଡ଼ାରୁ ଏକ ବାଇକ୍‌ରେ ଜୟପୁର ସହରକୁ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ କର୍ମଚାରୀମାନେ ଜୟନଗରଠାରେ ଚଢ଼ାଉ କରି ରୁକଧରଙ୍କଠାରୁ ଦେଶୀମଦ ସହ ବାଇକ୍ ଜବତ କରିଥିଲେ। ସେହିପରି ଝିଲିମିଲିଗୁଡ଼ାରେ ଚଢ଼ାଉ କରି ମୁଦୁନ୍ଦଙ୍କୁ ଧରିଥିଲେ। ମୁକୁନ୍ଦ ଓ ରୁକଧରଙ୍କଠାରୁ ୫୦ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ତ୍ରିନାଥଙ୍କଠାରୁ ୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଅବକାରୀ କମିଶନର ନରସିଂହ ନାଥ ଭୋଳ ଓ ଡେପୁଟି କମିଶନର ଡମ୍ବୁରୁଧର ଖଣ୍ଡାଙ୍କ ନିର୍ଦ୍ଦେଶରେ ଅବକାରୀ ଗୋଇନ୍ଦା ଓଆଇସି ରଶ୍ମି ରଞ୍ଜନ ନାୟକ ଓ ଏଏସ୍‌ଆଇ ସିଏଚ ଏହି ରେଡ୍ଡି ଚଢ଼ାଉ କରିଥିଲେ।

## କୋରାପୁଟ ଜିଲାରେ କାର୍ଯ୍ୟରତ ଖବରଦାତା ଦେଲେ ପୋଷ୍ଟାଲ ଭୋଟ


ପୋଷ୍ଟାଲ ବାଲଟରେ ଭୋଟ ଦେବାକୁ ଧାଡିରେ ଅପେକ୍ଷାରତ ଖବରଦାତାମାନେ।

କୋରାପୁଟ,୮ା୫(ଅମିତାଭ ବେହେରା)

କୋରାପୁଟ ଜିଲାରେ କାର୍ଯ୍ୟରତ ଖବରଦାତାମାନେ ବୁଧବାର ପୋଷ୍ଟାଲ ଭୋଟ ଦେଇ ନିଜ ମତଦାନ ସାବ୍ୟସ୍ତ କରିଛନ୍ତି। କୋରାପୁଟ ଜିଲାର ଜୟପୁର ଓ କୋରାପୁଟଠାରେ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ମତଦାନ କେନ୍ଦ୍ରରେ ଖବରଦାତାମାନେ ନିଜର ମତଦାନ ସାବ୍ୟସ୍ତ କରଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ କୋରାପୁଟ ସରକାରୀ ବାଳିକା ବିଦ୍ୟାଳୟଠାରେ ହୋଇଥିବା ସ୍ୱତନ୍ତ୍ର ବୁଥରେ କୋରାପୁଟର ୧୫ରୁ ଉର୍ଦ୍ଧ୍ୱ ଖବରଦାତା, ପୋଲିଂ ଅଧିକାରୀ ଓ ଅତ୍ୟାବଶ୍ୟକ ସେବା କର୍ମଚାରୀମାନେ ପୋଷ୍ଟାଲ ମାଧ୍ୟମରେ ଭୋଟ ଦେଇ ନିଜ ମତଦାନ ସାବ୍ୟସ୍ତ କରିଛନ୍ତି। କୋରାପୁଟ ଅତିରିକ୍ତ ଜିଲାପାଳ ଲମ୍ବୋଜିତ ରାଉତ, କୋରାପୁଟ ଉପଜିଲାପାଳ ବେଣୁଧର ଶବର ବୁଥକୁ ଯାଇ ଭୋଟ ବ୍ୟବସ୍ଥାର ତଦାରଖ କରିଥିଲେ।

## ଅଲାରିଗଡ଼ରେ ବିଜେଡିର ପ୍ରଚାର

ଶେରଗଡ, ୮ା୫(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକ ଅଲାରିଗଡ଼ ପଞ୍ଚାୟତରେ ବୁଧବାର ବିଜେଡିର ପ୍ରଚାର କରାଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ନେତା ଓ କର୍ମୀମାନେ ଏକଜୁଟ ହୋଶଇ ଶୋଭାଯାତ୍ରାରେ ଯାଇଥିଲେ। ଏଥିରେ ବହୁ ମହିଳା ସାମିଲ ହୋଇଥିଲେ। ମହିଳାମାନେ ନବୀନ ପଟ୍ଟନାୟକ ଓ ରଞ୍ଜିତା ସାହୁଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବାକୁ ପ୍ରଚାର କରିଥିଲେ। ଜିଲା ପରିଷଦ ସଭ୍ୟ ନିବେଦିତା ପ୍ରଧାନ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ବିପିନ ବିହାରୀ ପାତ୍ର, ସରପଞ୍ଚ ସାରସ ସ୍ୱାଇଁ, ଦିଗାମ୍ବର ନାହାକ ସମେତ ବହୁ ନେତା କର୍ମୀ ପ୍ରଚାର କରିଥିଲେ।

## ରଶ୍ମିରେଖା, ଗଣେଶ ବିଶ୍ୱବିଦ୍ୟାଳୟ ଟପ୍ପର

ଆସିକା, ୮ା୫ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଜ୍ଞାନ ମହାବିଦ୍ୟାଳୟର ରଶ୍ମିରେଖା ପୋଲାଇ ସ୍ନାତକ ରସାୟନ ବିଜ୍ଞାନରେ ଓ ଗଣେଶ ସ୍ୱାଇଁ ସ୍ନାତକ ହିନ୍ଦୀ ଭାଷା ସାହିତ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ରଶ୍ମିରେଖା ୧୩୨୫ ମାର୍କ ରଖିଥିଲା ବେଳେ ଗଣେଶ ୧୨୯୪ ମାର୍କ ରଖିଥିଲେ। କବିସୂର୍ଯ୍ୟନଗର ବ୍ଲକ ନନ୍ଦିଆଗଡା ଗ୍ରାମର ଶରତ ପୋଲାଇ ଓ ଆରତୀ ପୋଲାଇଙ୍କ କନ୍ୟା ରଶ୍ମିରେଖା ଏବଂ ଆସିକା ବ୍ଲକ ରିଷିପୁର ଗ୍ରାମର କାଳୁ ସ୍ୱାଇଁ ଓ ସୁକାନ୍ତି ସ୍ୱାଇଁଙ୍କ ପୁଅ ଗଣେଶ। ସେହିଭଳି ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ କୃତୀ ତାଲିକାରେ ରହିଛନ୍ତି। ଛାତ୍ରୀ ସରସ୍ୱତୀ ବେହେରା ଅର୍ଥନୀତିରେ ଦ୍ୱିତୀୟ, ଇପସିତା ପ୍ରଧାନ ଇଂରାଜୀରେ ନବମ, ଅଲିପସା ସ୍ୱାଇଁ ଦଶମ, ହିନ୍ଦୀ ଭାଷା ସାହିତ୍ୟର ଛାତ୍ରୀ କୁଙ୍କୁମ ପାଣିଗ୍ରାହୀ ଦ୍ୱିତୀୟ, ଇପସିତା ସ୍ୱାଇଁ ତୃତୀୟ, ପ୍ରୟଦର୍ଶିନୀ ପାଣିଗ୍ରାହୀ ଚତୁର୍ଥ, କୁଳତା ନାହାକ ପଞ୍ଚମ, ମଧୁସ୍ମିତା ପାଣିଗ୍ରାହୀ ଷଷ୍ଠ, ଯସ୍ମିନ ସ୍ୱାଇଁ ସପ୍ତମ, ପ୍ରିୟଙ୍କା କୁମାରୀ ବିଶ୍ୱାଳ ଅଷ୍ଟମ, ଶ୍ରାବଣୀ ଜେନା ନବମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଇତିହାସ ବିଭାଗରେ ଶୁଭଶ୍ରୀ ବିଷୋୟୀ ଷଷ୍ଠ, ରୋଜା ବିଷୋୟୀ ସପ୍ତମ, ରାଜନିତୀ ବିଜ୍ଞାନ ବିଭାଗରେ ଉର୍ମିଳା ପ୍ରଧାନ ତୃତୀୟ, ଓଡିଆ ବିଭାଗରେ ଜ୍ୟୋତିର୍ମୟୀ ପାଣିଗ୍ରାହୀ ଦ୍ୱିତୀୟ, ମୟୂରୀ କୁମାରୀ ରାଉତ ଚତୁର୍ଥ ଏବଂ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀ ପାୟଲ ବେହେରା ତୃତୀୟ ସ୍ଥାନ ଅଲଙ୍କୃତ କରି ମହାବିଦ୍ୟାଳୟକୁ ସୁନାମ ଆଣିଛନ୍ତି।

## ଅନ୍ତର୍ଜାତୀୟ ସେବିକା ଦିବସ ପାଳିଲା ସଂଘ



କାର୍ଯ୍ୟକ୍ରମରେ ଉପସ୍ଥିତ ସେବିକାମାନେ।

କୋରାପୁଟ,୮ା୫(ଅମିତାଭ ବେହେରା)

ଓଡିଶା ନର୍ସିଂ ଅଫିସର କର୍ମଚାରୀ ସଂଘ, ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପକ୍ଷରୁ ବୁଧବାର ମେଡିକାଲଠାରେ ଆନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି । ନର୍ସିଂର ପ୍ରତିଷ୍ଠାତା ମିସ୍ ଫ୍ଲେରେନସ ନାଇଟିଏଙ୍ଗେଲଙ୍କ ୨୦୪ ତମ ଜନ୍ମ ବାର୍ଷିକ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମେଡିକାଲ କଲେଜର ବ୍ଲଡ ବ୍ୟାଙ୍କଠାରେ ଏକ ରକ୍ତଦାନ ଶିବିର ହୋଇଥିଲା । ମେଡିକାଲ କଲେଜ ଡିନ ପ୍ରିନସିପାଲ ପ୍ରଫେସର ସଦାନନ୍ଦ ରଥ, ଅଧୀକ୍ଷକ ପ୍ରଫେସର ଡ. ସୁଶାନ୍ତ ସାହୁ ଅତିଥିଭାବେ ଯୋଗଦେଇ ଏହି ଦିବସର ମୁଖ୍ୟ ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଶିବିରରେ ମୋଟ ୬୨ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ମେଡିକାଲ କଲେଜର ରେଜିଷ୍ଟ୍ରର ରଞ୍ଜିତା ମଲ୍ଲିକ, ନର୍ସିଂ ଅଧୀକ୍ଷକ ସୁରମା ଦଳେଇ ଯୋଗଦେଇ ନିଜ ମତ ରଖିଥିଲେ । ନର୍ସିଂ ଅଫିସର ବିଶ୍ୱୟନୀ, ଯାଜ୍ଞସିନୀ ମହାପାତ୍ର, ଏବଂ ସଂଘ ସଭାପତି ରାଜଲକ୍ଷ୍ମୀ ପ୍ରଧାନ, ସମ୍ପାଦକ ଗୀତାଞ୍ଜଳି ରାଉତ, ଶେଖର ଚନ୍ଦ୍ର ନାୟକ ଓ ଜୀବନ ବିନ୍ଦୁ କାର୍ଯ୍ୟକର୍ତ୍ତାମାନେ ପରିଚାଳନା କରିଥିଲେ ।

# ସାପ୍ତାହିକ ହାଟରେ ବିଜେଡି, ଭାଜପା ଓ କଂଗ୍ରେସର ଶକ୍ତି ପ୍ରଦର୍ଶନ

ନନ୍ଦପୁର, ୮ା୫(ଶଙ୍କର ପୂଜାରୀ)

୨୦୨୪ ନିର୍ବାଚନ ଲାଗି ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ବୁଧବାର ସାପ୍ତାହିକ ହାଟରେ ପ୍ରଚାର କରି ନିଜ ଶକ୍ତି ପ୍ରଦର୍ଶନ କରିଥିଲେ। ପ୍ରଥମେ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗି ଦୁଇ ସିନେ ତାରକା ବବି ମିଶ୍ର ଓ ସସ୍ମିତା ସାହୁଙ୍କ ସହ ପ୍ରଚାର କରିଥିଲେ। କଂଗ୍ରେସ ପ୍ରାର୍ଥୀ ରାମ କାଡାମ ଶତାଧିକ ସମର୍ଥକ ଓ ଦଳୀୟ ପ୍ରାର୍ଥୀଙ୍କ ଗହଣରେ ଆସି ପ୍ରଚାର କରି ଭୋଟରଙ୍କୁ ଆକୃଷ୍ଟ କରିଥିଲେ। ଶେଷରେ ଭାଜପା ପ୍ରାର୍ଥୀ ଚୈତନ୍ୟ ନନ୍ଦିବାଲି ବହୁ ସଂଖ୍ୟାକ ଦଳୀୟ କର୍ମୀଙ୍କ ସହ ଆସି ହାଟରେ ପ୍ରଚାର ସହ ନନ୍ଦପୁର ନଗର ପରିକ୍ରମା କରିଥିଲେ। ବିଜେଡି ପ୍ରାର୍ଥୀ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ଉପରେ ପ୍ରଚାର କରି ଭୋଟ ନିବେଦନ କରିଥିବା ବେଳେ ଭାଜପା ପ୍ରାର୍ଥୀ କେନ୍ଦ୍ର ସରକାରଙ୍କ ଲୋକପ୍ରିୟତାକୁ ପ୍ରଚାର ଆୟୁଧ କରିଥିବା ଦେଖିବାକୁ ମିଳିଥିଲା। ତେବେ କଂଗ୍ରେସ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ଲୋକ ଲୋଚନକୁ ଆଣି କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ପ୍ରଚାର ବେଳେ ଭୋଟରଙ୍କୁ ନିବେଦନ କରିଥିଲା।



କୋରାପୁଟ ଜିଲା ନନ୍ଦପୁର ବ୍ଲକରେ ବୁଧବାର ବିଜେଡି (ଉପର) ଓ କଂଗ୍ରେସ(ତଳ) କାର୍ଯ୍ୟକର୍ତ୍ତାମାନେ ଶକ୍ତି ପ୍ରଦର୍ଶନ କରୁଛନ୍ତି।

# ସଦସ୍ୟମାନେ ସେବା ମନୋବୃତ୍ତି ରଖି କାର୍ଯ୍ୟ କରିବାକୁ ପରାମର୍ଶ

## କୋରାପୁଟରେ ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ

କୋରାପୁଟ, ୮ା୫ ( ଅମିତାଭ ବେହେରା )

କୋରାପୁଟ ସଦର ମହକୁମାରେ ବୁଧବାର ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସଭା ହୋଇଥିଲା । ଏଥିରେ ଜିଲା ଜରୁରୀକାଳିନ ଅଧିକାରୀ ତଥା ଭାରତୀୟ ରେଡକ୍ରସ ସୋସାଇଟି କୋରାପୁଟ ଜିଲା ଶାଖା ସମ୍ପାଦକ ସନ୍ତୋଷ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସଚେତନତା ସଭାରେ ଉଦବୋଧନ ଦେଇ ମୁଖ୍ୟ ଅତିଥି ସାହୁ ରେଡକ୍ରସ ସଦସ୍ୟମାନେ ସେବା ମନୋବୃତ୍ତି ସର୍ବଦା ଉଜ୍ଜୀବିତ କରି ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା କନିଷ୍ଠ ରେଡକ୍ରସ ଅଧିକାରୀ ଯଜ୍ଞେଶର ପଣ୍ଡା , ରେଡକ୍ରସ ସୋସାଇଟି ର ଆଜୀବନ ସଦସ୍ୟ ଶେଖ ଇବ୍ରାହିମ, ଡଃ ଉମା ଶଙ୍କର ପ୍ରସାଦ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୋରାପୁଟ ଜିଲାରେ ରେଡକ୍ରସକୁ ଆହୁରି କ୍ରିୟାଶୀଳ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କନିଷ୍ଠ ରେଡକ୍ରସ ସମ୍ପାଦକ ଭୀମ ବେହେରା, ବ୍ଲକ ସଂଯୋଜକ ଜ୍ୟୋତି ରଞ୍ଜନ ନନ୍ଦ, ହରେକୃଷ୍ଣ ମହାରଣା, ଚିନ୍ତାମଣି ପୃଷ୍ଟି, ଡ଼ା. ପ୍ରଶାନ୍ତ ପ୍ରଧାନ, ସିମାଞ୍ଚଳ କୁଣ୍ଡୁ ଓ ଏନସିସି କ୍ୟାଡେଟମାନେ ଉପସ୍ଥିତ ଥିଲେ। ଜିଲା ଶାଖାର ସଂଯୋଜକ ପ୍ରକାଶ ସାମଲ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

